

# ସବୁଜ ସ୍ୱର୍ଣ୍ଣ

ଭାକୃଅନୁପ ICAR

## କୃଷି ବିଜ୍ଞାନ କେନ୍ଦ୍ର, (ଓ.ୟୁ.ଏ.ଟି.) ନୟାଗଡ଼

## KRISHI VIGYAN KENDRA, (O.U.A.T.), NAYAGARH

ଅପ୍ରେଲ - ଜୁନ୍

ସମାଚାର ପତ୍ର-୨୦୨୪










### ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନାର ୧୭ ତମ କିସ୍ତି ବଣ୍ଟନ

ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନାର ୧୭ ତମ କିସ୍ତି ବଣ୍ଟନର ସିଧା ପ୍ରସାରଣ କାର୍ଯ୍ୟକ୍ରମ ନୟାଗଡ଼ ଜିଲ୍ଲା ପାଣିପୋଇଲା ସ୍ଥିତ, କୃଷି ବିଜ୍ଞାନ କେନ୍ଦ୍ରଠାରେ ଜୁନ୍ ୧୮ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରବିନାରାୟଣ ନାୟକ ଯୋଗଦେଇ କୃଷକଙ୍କ ଉନ୍ନତି ଦିଗରେ ଗୁରୁତ୍ୱାରୋପ କରିଥିଲେ । ଜଳସେଚନର ସୁବିଧା ଏବଂ ଜିଲ୍ଲାରେ ଆଖୁଚାଷର ଉନ୍ନତି ଉପରେ ରାଜ୍ୟ ସରକାର ଧ୍ୟାନ ଦେବେ ବୋଲି କହିଥିଲେ । ସ୍ୱାମୀନାଥନ୍ କମିଟି ଦେଇଥିବା ସୁପାରିଶ ଅନୁସାରେ ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ପ୍ରଥମ ରାଜ୍ୟ କ୍ୟାବିନେଟ ବୈଠକରେ ପାରି କରାଯିବ ବୋଲି ରଣପୁର ବିଧାୟିକା ସୁରମା ପାଢୀ ତାଙ୍କ ବକ୍ତବ୍ୟରେ ଉପସ୍ଥାପନା କରିଥିଲେ । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ସମେତ ନୟାଗଡ଼ର ଅନ୍ୟ ତିନୋଟି ନିର୍ବାଚନ ମଣ୍ଡଳୀରେ ପାନୀୟ ଜଳର ସମସ୍ୟା ଦୂର କରିବା ନିମନ୍ତେ ଖଣ୍ଡପଡ଼ା ବିଧାୟକ ଶ୍ରୀଯୁକ୍ତ ଦୁଷ୍ମନ୍ତ ସ୍ୱାଇଁ ମନ୍ତ୍ରୀ ମହୋଦୟଙ୍କୁ ଅନୁରୋଧ କରିଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀମତୀ ସୁଧାଦେବୀ ସିଂ (ଭା.ପ୍ର.ସେ) ଉପସ୍ଥିତ ଥିଲେ । ଓ.ୟୁ.ଏ.ଟି ର ମାନ୍ୟବର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବୈଠକରେ ସଭାପତିତ୍ୱ କରିବା ସହ ଜିଲ୍ଲାରେ ଆଖୁ ଗବେଷଣା ଓ ଚାଷୀ ମାନଙ୍କର ସମନ୍ୱିତ ବିକାଶରେ କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା ବିଷୟରେ ଗୁରୁତ୍ୱାରୋପ କରିବା ସହ ଚାଷୀମାନଙ୍କର ଅଭିବୃଦ୍ଧିରେ ନୂତନ ଜ୍ଞାନ କୌଶଳର ଉପଯୋଗିତା ଉପରେ ଆଲୋକପାତ କରିଥିଲେ । କୃଷି ସମ୍ପ୍ରସାରଣ ଅଧ୍ୟକ୍ଷ ଡ଼. ପ୍ରସନ୍ନଜିତ୍ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବେସରକାରୀ ସଂସ୍ଥାର ଅଧିକାରୀ ତଥା ସ୍ୱୟଂ ସାହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ଏକ କୃଷି ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଓଡ଼ିଶା ଜୀବିକା ମିଶନ୍ (OLM) ଦ୍ୱାରା ତାଲିମ୍ ପ୍ରାପ୍ତ ହୋଇଥିବା କୃଷିମିତ୍ର ମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଏହି ବୈଠକରେ ଜିଲ୍ଲାର ସମସ୍ତ ବିଭାଗୀୟ ମୁଖ୍ୟମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ । ସର୍ବଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼. ଅନିଲ୍ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡ଼ାଲି ଜାତୀୟ ବିହନ ଉତ୍ପାଦନର ତାଲିମ୍ କାର୍ଯ୍ୟକ୍ରମ




ବର୍ତ୍ତମାନର ପରିସ୍ଥିତିରେ ମାଟିର ଉର୍ବରତାକୁ ବଜାଇ ରଖିବା ପାଇଁ ଧାନ ଫସଲ ପରେ ଅଣଧାନ ଫସଲ ଚାଷ କରିବା ପାଇଁ ଗୁରୁତ୍ୱ ଦିଆଯାଉଥିବା ସ୍ଥଳେ ଅଧିକ ଅମଳକ୍ଷମ ଡ଼ାଲି ଜାତିୟ ବିହନର ଅଭାବ ତଥା ସ୍ୱଳ୍ପ ଉତ୍ପାଦନ ହେତୁ ଜାତୀୟ ବିହନ ନିଗମ ଲିମିଟେଡ, ଭୁବନେଶ୍ୱର ଦ୍ୱାରା ଗତ ଜୁନ୍ ୫ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଡ଼ାଲି ଜାତୀୟ ବିହନ ଚାଷର ଉତ୍ପାଦନ କୌଶଳ, ପ୍ରାମାଣିକ ବିହନ ଉତ୍ପାଦନର ପ୍ରଣାଳୀ, ଉନ୍ନତ ବିହନର ଗୁଣବତ୍ତା ତଥା ବିହନ ଉତ୍ପାଦନ ନିମନ୍ତେ ବିଭିନ୍ନ ସରକାରୀ ଯୋଜନାମାନ ଆଦି ବାବଦରେ ବିସ୍ତୃତ ଆଲୋଚନା କରାଯିବା ସହିତ କୃଷକ ଉତ୍ପାଦନ ଗୋଷ୍ଠୀ ମାଧ୍ୟମରେ ଡ଼ାଲି ଜାତୀୟ ବିହନ ଉତ୍ପାଦନର ନିୟାମବଳୀ ବାବଦରେ ଭୁବନେଶ୍ୱରରୁ ଆସିଥିବା ଅଧିକାରୀ ଡ଼. ସଂଜୟ କୁମାର ନାହକ ସଭାରେ ଆଲୋଚନା କରିଥିଲେ ।




ଏତତ୍‌ବ୍ୟତୀତ କୃଷିବିଜ୍ଞାନ କେନ୍ଦ୍ରର ବିରଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼. ଅନିଲ କୁମାର ସ୍ୱାଇଁ ଡ଼ାଲି ଜାତୀୟ ବିହନ ଉତ୍ପାଦନର ଗୁରୁତ୍ୱ ତଥା ଜିଲ୍ଲାରେ ଏହାର ଆବଶ୍ୟକତା ବିଷୟରେ ଆଲୋକପାତ କରିବା ସହ କେନ୍ଦ୍ରର ଅନ୍ୟାନ୍ୟ ଅଧିକାରୀ ଯଥା ଡ଼. ମଧୁମିତା ଜେନା, କୃଷି ବୈଜ୍ଞାନିକ (ସଂପ୍ରସାରଣ) ଓ ଶ୍ରୀଯୁକ୍ତ ଦେବାଶିଷ୍ ନାୟକ, କ୍ଷେତ୍ର ପରିଚାଳକ ବୈଜ୍ଞାନିକ ପଦ୍ଧତିରେ ଡ଼ାଲି ଜାତୀୟ ବିହନର ଚାଷ ପ୍ରଣାଳୀ, ବିହନ ସଂରକ୍ଷଣ ଓ ଉତ୍ପାଦନ ଆଦି ବିଷୟରେ ଚାଷୀ ମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ ।

## ସମନ୍ୱିତ ଉଦ୍ୟାନ କୃଷି ମିଶନ ଅନ୍ତର୍ଭୁକ୍ତ ତାଲିମ୍ କାର୍ଯ୍ୟକ୍ରମ




ସମନ୍ୱିତ ଉଦ୍ୟାନ କୃଷି ମିଶନ ଅନ୍ତର୍ଭୁକ୍ତ ତାଲିମ୍ କାର୍ଯ୍ୟକ୍ରମ ଗତ ଜୁନ୍ ୨୯ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାର ଉଦ୍ୟାନ ଉପ-ନିର୍ଦ୍ଦେଶକ, ଶ୍ରୀ ଲଳିତ୍ କୁମାର ପଣ୍ଡା, କେନ୍ଦ୍ର ର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼. ଅନିଲ କୁମାର ସ୍ୱାଇଁ, ଶ୍ରୀମତୀ ସୁଚିସ୍ମିତା ଦ୍ୱିବେଦୀ, ବୈଜ୍ଞାନିକ (କୃଷି ଯାନ୍ତ୍ରୀକରଣ) ଉପସ୍ଥିତ ଥିଲେ । ଉକ୍ତ କର୍ଯ୍ୟକ୍ରମରେ ଶ୍ରୀ ଲଳିତ କୁମାର ପଣ୍ଡା ଉଦ୍ୟାନ କୃଷି ଭିତ୍ତିକ ଯୋଜନା ଆଦି ବାବଦରେ ସୂଚନା ଦେବାସହ ଆୟକୁ ଦ୍ୱିଗୁଣିତ କରିବାରେ ଉଦ୍ୟାନ କୃଷିର ମହତ୍ୱ ବିଷୟରେ ଅଲୋକପାତ କରିଥିଲେ । ବୈଜ୍ଞାନିକ ଶ୍ରୀମତୀ ସୁଚିସ୍ମିତା ଦ୍ୱିବେଦୀ ନୂତନ ଜ୍ଞାନ କୌଶଳ ମାଧ୍ୟମରେ ପୋଟଳ ଏବଂ କାଙ୍କଡ ଚାରା ଉତ୍ପାଦନ ଓ ତାର ଚାଷ ପ୍ରଣାଳୀ ଉପରେ ଆଲୋକପାତ କରିବା ସହ ଟ୍ରେଲିସ୍ ମାଧ୍ୟମରେ ପୋଟଳ ଏବଂ କାଙ୍କଡ ଗଛ ଲଗାଇବା ଉପକାରିତା ଉପରେ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ପ୍ରମୋଦ କୁମାର ପୃଷ୍ଟି, ବୈଜ୍ଞାନିକ (ସଶ୍ୟସଂରକ୍ଷଣ) ଲଟା ଜାତୀୟ ଫସଲରେ ସମନ୍ୱିତ ରୋଗ ପୋକ ନିୟନ୍ତ୍ରଣ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରିଥିଲେ ।



## ବିଶ୍ୱ ପରିବେଶ ଦିବସ ପାଳନ



କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ତରଫରୁ ଗତ ଜୁନ୍ ୫ ତାରିଖରେ କେନ୍ଦ୍ର ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି । ସଂପ୍ରତିକ ପରିସ୍ଥିତିରେ ପରିବେଶ ପ୍ରଦୂଷଣ ଜନିତ ଜଳବାୟୁ ପରିବର୍ତ୍ତନ ଏକ ଜଟିଳ ସମସ୍ୟା ଭାବେ ଉଭା ହୋଇଛି । ବହୁଳ ଭାବେ ଜଙ୍ଗଲ ନଷ୍ଟ, କଳକାରଖାନା ବୃଦ୍ଧି, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟା ଏବଂ ଯାନବାହନର ବହୁଳ ବ୍ୟବହାର ପରିବେଶକୁ ପ୍ରଦୂଷିତ କରିବା ସହ ମାନବ ସମାଜକୁ ଏକ ଅନ୍ଧକାର ମୟ ଭବିଷ୍ୟତ ଆଡ଼କୁ



ନେଇଯାଇଛି । ଏହି ପରିପ୍ରେକ୍ଷୀରେ ଡ଼. ଜ୍ଞାନରଞ୍ଜନ ସାହୁ, ବୈଜ୍ଞାନିକ (ବନ ବିଭାଗ)ଙ୍କ ନେତୃତ୍ୱରେ ବିଭିନ୍ନ ପ୍ରକାର ଉପକାରୀ ବୃକ୍ଷ ରୋପଣ ଫାର୍ମ ପ୍ରାଙ୍ଗଣରେ କରାଯାଇଥିଲା । ଏଥିରେ ଉପସ୍ଥିତ ଥିବା ଚାଷୀ ଭାଇମାନଙ୍କୁ ପରିବେଶ ପ୍ରଦୂଷଣ ଓ କୃଷି ଏବଂ ମାନବ ସମ୍ବଳ ଉପରେ ଏହାର ପ୍ରଭାବ ବିଷୟରେ ଅବଗତ କରାଯିବା ସହ ବହୁଳ ମାତ୍ରାରେ ଚାରାରୋପଣ, ନୂତନ ଜଙ୍ଗଲ ସୃଷ୍ଟି ଓ ଏହାର ସୁରକ୍ଷା ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା ।

## କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ର ୨୦ ତମ ପ୍ରତିଷ୍ଠା ଦିବସ ପାଳନ



ନୟାଗଡ଼ ଜିଲ୍ଲାର କୃଷି ତଥା ଆନୁସାଙ୍ଗିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ଲକ୍ଷ୍ୟ କରି ଏହାର ସମାଧାନ ତଥା ଚାଷୀ ଭାଇମାନଙ୍କୁ କୃଷି ଭିତ୍ତିକ ତାଲିମ୍, ବୈଜ୍ଞାନିକ ଜ୍ଞାନ କୌଶଳ ଏବଂ ଧନ୍ଦାମୂଳକ ଶିକ୍ଷା ଦେବା ଉଦ୍ଦେଶ୍ୟରେ ତା ୨୯ ଜୁନ୍ ୨୦୦୪ ରେ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ର ପ୍ରତିଷ୍ଠା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଗତ ଜୁନ୍ ୨୯ ତାରିଖ ଦିନ ଏହି କେନ୍ଦ୍ରର ୨୦ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼. ଅନିଲ୍ କୁମାର ସ୍ୱାଇଁ ଚାଷୀ ଭାଇମାନଙ୍କୁ ବିଗତ ବର୍ଷର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଚାଷୀ ଭାଇମାନେ ଉପଯୁକ୍ତ ଜ୍ଞାନ କୌଶଳ ଗ୍ରହଣ କରି ଉତ୍ତୋରତ୍ତର ଉନ୍ନତି କରୁଛନ୍ତି ବୋଲି ମତ ପ୍ରକାଶ ପାଇଥିଲା । ଉପସ୍ଥିତ ଚାଷୀ ଭାଇମାନଙ୍କ ମଧ୍ୟରୁ କିଛି ଚାଷୀ ଭାଇ ତାଙ୍କର ଉନ୍ନତି କ୍ଷେତ୍ରରେ କୃଷି ବିଜ୍ଞାନ କେନ୍ଦ୍ରର ଅବଦାନ ଉପରେ ଆଲୋଚନା କରିଥିଲେ । ଏତଦ୍‌ବ୍ୟତିତ କେନ୍ଦ୍ରର ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଏବଂ କୃଷି ଯନ୍ତ୍ରପାତି ବୈଜ୍ଞାନିକ ଶସ୍ୟ ସୁରକ୍ଷାର ନୂତନ ଜ୍ଞାନ କୌଶଳ ଏବଂ ଚାଷ କାର୍ଯ୍ୟରେ ନୂତନ ଯନ୍ତ୍ରପାତିର ବ୍ୟବହାର ଉପରେ ଚାଷୀଭାଇ ମାନଙ୍କୁ ଅବଗତ କରିଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ଫାର୍ମ ପରିସରରେ ବିଭିନ୍ନ ପ୍ରକାର ଚାରା ଯଥା ଗ୍ଲିରିସିଡ଼ିଆ, ଲେମ୍ବୁ, ଆପେଲବେର, ଲିଚୁ ଏବଂ ବନ୍ତଳ କଦଳୀ ଇତ୍ୟାଦି ଲଗାଯିବା ସହ ପୋଖରୀ ହୁଡ଼ା ମାନଙ୍କରେ ନଡ଼ିଆ ଚାରା ରୋପଣ କରାଯାଇଥିଲା ।

## ଅକ୍ଷୟ ତୃତୀୟା ଦିବସ ପାଳନ



ଅକ୍ଷୟ ତୃତୀୟା ପର୍ବ ଓଡ଼ିଶାର ଚାଷୀ ଭାଇ ମାନଙ୍କର ଅନ୍ୟତମ ଶ୍ରେଷ୍ଠ ପର୍ବ ଅଟେ । ବହୁ ପୁରାତନ କାଳରୁ ଏହି ପର୍ବର ମାହାତ୍ମ୍ୟ ରହି ଆସିଛି । କୃଷି ପରମ୍ପରାକୁ ବଜାୟ ରଖିବା ପାଇଁ ଖରିଫ୍ ଋତୁର ଆଗମନ ପୂର୍ବରୁ ଓଡ଼ିଶାର ପୁରପଲ୍ଲୀରେ ଚାଷୀଭାଇ ମାନଙ୍କ ଦ୍ୱାରା କୃଷିଭିତ୍ତିକ ଅନ୍ୟ ଏକ ପ୍ରମୁଖ ପର୍ବ ଭାବେ ଅକ୍ଷୟ ତୃତୀୟା ପାଳନ କରାଯାଇଥାଏ । ଚଳିତ ବର୍ଷ ମଇ ମାସ ୧୦ ତାରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଫାର୍ମ ପ୍ରାଙ୍ଗଣରେ ଅକ୍ଷୟ ତୃତୀୟା ପର୍ବ ପାଳିତ ହୋଇଯାଇଛି । ଏଥିରେ



କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ଓ ଆଖୁ ଗବେଷଣା କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ବୈଜ୍ଞାନିକ ଓ କର୍ମଚାରୀ ମାନଙ୍କ ଦ୍ୱାରା ଅକ୍ଷୀମୁଠି ସ୍ୱରୂପ ଧାନ ବହିନ ବୁଣା ଯାଇ ଅକ୍ଷୟ ତୃତୀୟା ପର୍ବ ପାଳନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟଙ୍କ ଦ୍ୱାରା ଭୂମିପୂଜା କରାଯାଇ ଆଗାମୀ ଋତୁରେ ନୟାଗଡ଼ ଜିଲ୍ଲାର ଚାଷୀଭାଇ ମାନଙ୍କ ପାଇଁ ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦନ ଏବଂ ଆର୍ଥିକ ଲାଭ କାମନା କରାଯାଇଥିଲା ।

## କୃଷି ଉପଦେଶ



**ବାଇଗଣ ଫସଲରେ  କାଣ୍ଡ ଓ ଫଳ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ସ୍ପାଇନେଟୋରାମ ୧୧.୭ ଏସ୍.ସି. ଏକର ପ୍ରତି ୨୦୦ ମି.ଲି ଔଷଧକୁ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।**



**ଲଙ୍କା ଚାଷରେ ପତ୍ରମୋଡା ରୋଗର ପରିଚାଳନା ପାଇଁ ସ୍ପାଇରେମେସିଫେନ୍ ପ୍ରତି ୧୫ ଲିଟର ପାଣିରେ ୧୫ ମି.ଲି. ଏବଂ ଫିପ୍ରୋନିଲ ୫ ଏସ୍.ସି ୩୦ ମି.ଲି ଔଷଧକୁ ଅଦଳ ବଦଳ କରି ପ୍ରତି ୧୦ ରୁ ୧୫ ଦିନ ଅନ୍ତରରେ ପତ୍ର ସିଞ୍ଚନ କରନ୍ତୁ ।**



**କୁକୁଡ଼ା ଚିଆଁ ମାନଙ୍କୁ ଭୂତାଣୁ ଜନିତ ରାଣୀକ୍ଷେତ ରୋଗରୁ ରକ୍ଷା କରିବା ପାଇଁ ୫-୭ ଦିନରେ ଥରେ ଏବଂ ୨୫-୨୮ ଦିନରେ ଆଉଥରେ ଟୀକାକରଣ (ଲାସୋଟା) କରନ୍ତୁ ।**

**ଧାନ ମଞ୍ଜି ବିଶୋଧନ ପାଇଁ ପ୍ରତି କି.ଗ୍ରା ମଞ୍ଜିରେ ଭିଟାଭାକ୍ସ ପାଓ୍ୱାର ୨.୫ ଗ୍ରାମ୍ ଗୋଳେଇ ବିଶୋଧନ କରନ୍ତୁ ।**


**ପ୍ରକାଶକ**

ଡ଼ଃ ଅନିଲ୍ କୁମାର ସ୍ୱାଇଁ
ବରିଷ୍ଠ  ବୈଜ୍ଞାନିକ ଓ ମୁଖ୍ୟ

**ବୈଷୟିକ ସହାୟତା**

ଗୀତାଞ୍ଜଳୀ ସୁବୁଦ୍ଧି, ପ୍ରମୋଦ କୁମାର ପୃଷ୍ଟି, ମଧୁମିତା ଜେନା, ସୁଚିସ୍ମିତା ଦ୍ୱିବେଦୀ, ଦେବାଶିଷ ନାୟକ, ସଙ୍ଗିତା ପଣ୍ଡା



**ଯୋଗାଯୋଗ ଠିକଣା**

**କୃଷି ବିଜ୍ଞାନ କେନ୍ଦ୍ର**
ଗ୍ରାମ - ପାଣିପୋଇଲା, ପୋଷ୍ଟ- ବାଲୁଗାଁ,
ଜିଲ୍ଲା -ନୟାଗଡ, ଫୋନ - 9439024040